# ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ନୀଳଗିରି

ବିଜ୍ଞାପନ ସଂଖ୍ୟା 568 ତାରିଖ 07.03.2026

## ବିଜ୍ଞାପନ

ଏତ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିଯେ, ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ନୀଳଗିରି ଅଧିନସ୍ଥ ତେନ୍ତୁଳିଆ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ପଦବୀ ଖାଲି ରହିଅଛି । ତେଣୁ ଉକ୍ତ ପଦବୀ ପୂରଣ ନିମନ୍ତେ ସମାନ ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଯଥା:- ତେନ୍ତୁଳିଆ, ତେନ୍ତୁଳିଆ ୨, ନୂଆସାହି ଓ ନୂଆସାହି-ବି ଅଙ୍ଗନବାଡି କେନ୍ଦ୍ର ପରିସର ସର୍ଭିସ ଏରିଆରୁ କେବଳ ଆଦିବାସୀ(ST) ମହିଳା ପ୍ରାର୍ଥୀନୀମାନଙ୍କଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ ଏହି website (URL http//engagement.awc.odisha.gov.in) ରେ login କରି ଆବଶ୍ୟକୀୟ ପ୍ରମାଣପତ୍ର upload କରିବେ । ଦରଖାସ୍ତ ଆବେଦନ କରିବାର ସମୟସୀମା ହେଉଛି ତା ୦୮.୦୩.୨୦୨୬ ରିଖ ଠାରୁ ତା ୨୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏହାବ୍ୟତୀତ କୌଣସି ପ୍ରମାଣପତ୍ରର ଅଭାବରେ ଅଣ୍ଡରଟେକିଂ ଗ୍ରହଣ କରାଯିବ ନାହିଁ । ଦରଖାସ୍ତରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ୱା ଯେକୌଣସି ଦିଗରୁ ଅସମ୍ପୂର୍ଣ୍ଣ ତଥା ଆବଶ୍ୟକୀୟ ପ୍ରମାଣପତ୍ର ଅଭାବ ଜନିତ କାରଣରୁ ଦରଖାସ୍ତକୁ ନାକଚ କରିଦିଆଯିବ ଏବଂ କୌଣସି କାରଣ ନଥାଇ ବିନା ନୋଟିସ ରେ ଉକ୍ତ ବିଜ୍ଞାପନ କୁ ଯେ କୌଣସି ମୁହୁର୍ତ୍ତରେ ସ୍ଥଗିତ କିମ୍ୱା ବାତିଲ କରିଦିଆଯିବ । ଆବଶ୍ୟକ ହେଲେ ଶୁଦ୍ଧିପତ୍ର (Corrigendum) ପ୍ରକାଶ କରାଯିବ ।

ଦରଖାସ୍ତ ସହିତ Upload କରିଥିବା ପ୍ରମାଣପତ୍ର ଗୁଡିକ ମୂଳ ପ୍ରମାଣପତ୍ର (ଅରଜିନାଲ ସାର୍ଟିଫିକେଟ ) ସହିତ ତା ୨୩.୦୩.୨୦୨୬ ରିଖ ଦିବା ୧୧ ଘଟିକା ଠାରୁ ଅପରାହ୍ଣ ୪ ଘଟିକା ମଧ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ଯାଞ୍ଚ କରାଯିବ । ଉକ୍ତ ଦିନ ପ୍ରାର୍ଥିନୀ ନିଜେ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହି ଯାଞ୍ଚ କାର୍ଯ୍ୟ ରେ ସହାୟତା କରିବେ । ଯାଞ୍ଚ ଦିବସରେ ପ୍ରାର୍ଥିନୀ ଉପସ୍ଥିତ ନ ରହିଲେ ତାଙ୍କ ଦରଖାସ୍ତ ନାକଚ କରିଦିଆଯିବ ।

### ଅଙ୍ଗନବାଡି କେନ୍ଦ୍ରର ତାଲିକା

| କ୍ର. ନ. | ଗ୍ରାମପଞ୍ଚାୟତର ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | ଯେଉଁ ଅଙ୍ଗନବାଡି କେନ୍ଦ୍ରରୁ ପ୍ରାର୍ଥିନୀ ଆବେଦନ କରିପାରିବେ ସେହି ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ନାମ |
|---|---|---|---|
| ୧ | ୨ | ୩ | ୪ |
| ୧ | ତେନ୍ତୁଳିଆ | ତେନ୍ତୁଳିଆ | ତେନ୍ତୁଳିଆ, ତେନ୍ତୁଳିଆ-୨, ନୂଆସାହି ଓ ନୂଆସାହି-ବି |

07.03.2026

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ନୀଳଗିରି

## ଆବେଦନ ନିମନ୍ତେ ନିୟମାବଳୀ-:

୧. ପ୍ରାର୍ଥିନୀ ଉପର ଲିଖିତ ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର upload କରିବେ । ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ସ୍ଥାନୀୟ ତହସିଲଦାର ଙ୍କଠାରୁ ପ୍ରାପ୍ତହୋଇଥିବା) ଏବଂ **Deputy Secretary to Govt.(Govt. of Odisha, Revenue & Disaster Management Department)** ଙ୍କ **Resolution No-RDM-GOEB-MISC-0039-2015-35875/R & DM Dt-24/09/2018** ଅନୁଯାଇ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ର ଅବଧି ୫ ବର୍ଷ କରାଯାଇ ଅଛି ।

୨. ପ୍ରାର୍ଥିନୀର ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ ।

୩. ପ୍ରାର୍ଥିନୀର ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ(+୨) ପାସ ହୋଇଥିବା ଆବଶ୍ୟକ । ପ୍ରାର୍ଥିନୀଙ୍କର ଯଦି ଇଣ୍ଟରମିଡିଏଟ ଠାରୁ ତଦୁର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥାଏ, ତେବେ ତା' ର ପ୍ରମାଣ ପତ୍ର upload କରିବେ । ଯଦି ପ୍ରାର୍ଥିନୀ ପଶ୍ଚିମ ବଙ୍ଗଳା /ଆନ୍ଧ୍ରବୋର୍ଡରୁ ମାଟ୍ରିକ ପାଶ କରିଥିବେ ତେବେ ଉକ୍ତ ମାଟ୍ରିକ ପାଶ ପ୍ରମାଣ ପତ୍ର ସହିତ ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ସପ୍ତମ ଶ୍ରେଣୀ ପାଶ ପ୍ରମାଣ ପତ୍ର upload କରିବେ । ପ୍ରାର୍ଥିନୀଙ୍କର ଜନ୍ମ ତାରିଖ ଜାଣିବାପାଇଁ ମାଟ୍ରିକ ପାସ ବୋର୍ଡ ପ୍ରମାଣ ପତ୍ର upload କରିବା ବାଞ୍ଛନୀୟ ।

୪ .ପ୍ରାର୍ଥିନୀ ଯଦି ସ୍ୱାମୀ ପରିତ୍ୟକ୍ତା, ଅସହାୟ ମହିଳା,ବିଧବା,ଶାରୀରିକ ବିକଳାଙ୍ଗ,ଅନାଥ ହୋଇଥାନ୍ତି,ତତ ସକ୍ରାନ୍ତିୟ ପ୍ରମାଣପତ୍ର ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଗ୍ରହଣ କରି upload କରିବେ ।

୫. ପ୍ରାର୍ଥିନୀ ଜାତିଗତ ପ୍ରମାଣପତ୍ର ତହସିଲଦାରଙ୍କ ଠାରୁ ଗ୍ରହଣ କରି upload କରିବେ ।

୬. ଅଙ୍ଗନବାଡି କର୍ମୀ ପଦଟି ସରକାରୀ କର୍ମଚାରୀ ପଦବାଚ୍ୟ ନହୋଇ ଏକ ସ୍ୱେଚ୍ଛା ସେବିକା ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ସେହି କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ଉକ୍ତ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ ଓ ଏହା ସରକାରୀ ଚାକିରି ନୁହେଁ । ତେଣୁ ଓଡିଶା ସରକାର ଓ.ଆର.ଭି.ଆକ୍ଟ ୧୯୭୫ କିମ୍ବା କର୍ମସଂସ୍ଥାନ ନିୟୋଜନ ଆଇନ ଏହି କ୍ଷେତ୍ରରେ ଲାଗୁହେବନାହିଁ କିମ୍ବା ଭବିଷ୍ୟତରେ ସ୍ଥାୟୀ ସରକାରୀ ପଦବାଚ୍ୟ ହେବା ପାଇଁ ଦାବୀ କରିପାରିବେ ନାହିଁ ।

୭. ସରକାରଙ୍କର ନୀୟମାନୁଯାୟୀ ଅଙ୍ଗନବାଡି କର୍ମୀଙ୍କୁ ପ୍ରଚଳିତ ମାସିକ ଭତ୍ତା ଟ.୧୦,୦୦୦/-( ଦଶ ହଜାର ଟଙ୍କା) ଦିଆଯିବାର ବ୍ୟବସ୍ଥା ଅଛି ।

୮. ସରକାରୀ ନୀୟମାବଳୀ ଅନୁଯାୟୀ କୌଣସି ପ୍ରାର୍ଥିନୀଙ୍କର ସ୍ଥାୟୀ ବାସିନ୍ଦା,ଜାତିଗତ ତଥା ଶିକ୍ଷାଗତ ପ୍ରମାଣ ପତ୍ର ସକ୍ରାନ୍ତରେ ଯଦି ଅଭିଯୋଗ ଥାଏ, ସେ କ୍ଷେତ୍ରରେ ସେମାନେ ତା ୩୦.୦୩.୨୦୨୬ ରିଖ ସୁଦ୍ଧା ପୂର୍ବ ପ୍ରଦତ୍ତ WebSite ରେ upload କରିବେ । ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଡାକ ଦ୍ୱାରା କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

[illegible].03.2026

Child ... cer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ନୀଳଗିରି

<u>ଦରଖାସ୍ତ ଫର୍ମ ସହିତ Up-load କରିବାକୁ ଥିବା ପ୍ରମାଣପତ୍ର</u>

୧. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ।

୨. ଦ୍ୱାଦଶ( +୨) ମାର୍କସିଟ ଓ ସାର୍ଟିଫିକେଟ ।

୩. ଦ୍ୱାଦଶ( +୨) ରୁ ତଦୁର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ।

୪. ଯଦି ଆବଶ୍ୟକ ଥାଏ ଓଡିଆ ମାଧମିକ ଶିକ୍ଷା ପରିଷଦର ସପ୍ତମ ଶ୍ରେଣୀ ପାସର ପ୍ରମାଣ ପତ୍ର

୫ . ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିବା ଆବଶ୍ୟକ ଏବଂ ଏହା ଦରଖାସ୍ତ ଦେବା ସମୟରେ ୫ ବର୍ଷ ମଧରେ ପ୍ରାପ୍ତ ହୋଇଥିବା ଆବଶ୍ୟକ ।

୬. ତହସିଲଦାରଙ୍କ ଠାରୁ ପ୍ରାପ୍ତ ଜାତିଗତ ପ୍ରମାଣ ପତ୍ର ।

୭. ଶାରୀରିକ ବିକଳାଙ୍ଗର ପ୍ରମାଣ ପତ୍ର ।

୮. ବିଧବା ପ୍ରମାଣପତ୍ର/ ସ୍ୱାମୀ ପରିତ୍ୟକ୍ତାର ଉପଯୁକ୍ତ ପ୍ରମାଣପତ୍ର/ ଅନାଥ/ ନିଃସହାୟ, ପ୍ରମାଣପତ୍ର ।

୯ .ପ୍ରାର୍ଥିନୀଙ୍କର ଜନ୍ମ ତାରିଖ ଜାଣିବାପାଇଁ ମାଟ୍ରିକ ପାସ ବୋର୍ଡ ପ୍ରମାଣ ପତ୍ର up-load କରିବା ବାଞ୍ଛନୀୟ ।

07.03.2026

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
Nilagiri
ନୀଳଗିରି

ପରିପତ୍ର ସଂଖ୍ୟା ୫୬୯ ତା୦୭-୦୩-୨୦୨୬ରିଖ

ଏହାର ଏକ କିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ,ବାଲେଶ୍ୱର/ଉପ-ଜିଲ୍ଲାପାଳ, ନୀଳଗିରି/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୀଳଗିରି / ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୀଳଗିରି/ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର/ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

07.03.2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ନୀଳଗିରି

ପରିପତ୍ର ସଂଖ୍ୟା ୫୭୦ ତା୦୭-୦୩-୨୦୨୬ରିଖ

ଏହାର ଏକ କିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

07.03.2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ନୀଳଗିରି

ପରିପତ୍ର ସଂଖ୍ୟା ୫୭୧ ତା ୦୭-୦୩-୨୦୨୬ରିଖ

ଏହାର ଦୁଇ କିତା ନକଲ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି ଦାୟୀତରେ ଥିବା କର୍ମୀଙ୍କୁ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ବହୁଳ ପ୍ରସାର ପାଇଁ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା । ସେ ଏକକିତା ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗାଇ ଅନ୍ୟ ଏକକିତାରେ ସମ୍ପୃକ୍ତ କେନ୍ଦ୍ରାଞ୍ଚଳବାସିଙ୍କୁ ତୁରନ୍ତ ଅବଗତ କରି ଏଥିପୃଷ୍ଠେ ସ୍ୱାକ୍ଷର କରି କାର୍ଯ୍ୟାଳୟରେ ଦାଖଲ କରିବେ ।

07.03.2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ନୀଳଗିରି

ପରିପତ୍ର ସଂଖ୍ୟା ୫୭୨ ତା୦୭-୦୩-୨୦୨୬ରିଖ

ଏହାର ଏକ କିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ଏବଂ ଉପ-ଜିଲ୍ଲାପାଳ, ନୀଳଗିରି/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୀଳଗିରି / ଗୋଷ୍ଠୀ ଶିକ୍ଷା ଅଧିକାରୀ, ନୀଳଗିରିଙ୍କ ବିଜ୍ଞାପନ ଫଳକରେ ଲଗାଯାଇ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

07.03.2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ନୀଳଗିରି